ଧରିତ୍ରୀ
DHARITRI
ଶୁକ୍ରବାର, ୨ ଡିସେମ୍ବର, ୨୦୨୨



## କଲେଜ ଛାତ୍ରଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ:** ବାଲେଶ୍ୱର ସହରସ୍ଥିତ ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ତେଲେଙ୍ଗାସାହି ଅଞ୍ଚଳର ଜଣେ କଲେଜ ଛାତ୍ର ଗୁରୁବାର ନିଜ ଶୋଇବା ଘରେ ଫ୍ୟାନ୍‌ରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି। ତେଲେଙ୍ଗାସାହି ଅଞ୍ଚଳର ଶୁଭଙ୍କର ଲେଙ୍କା ବାଲେଶ୍ୱର କଲେଜର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର। ପାଠପଢ଼ାରେ ଅବହେଳାକୁ ନେଇ ପୂର୍ବାହ୍ନରେ ପରିବାର ଲୋକେ ତାଗିଦ୍ କରିଥିଲେ। ଏଥିରେ ରାଗିଯାଇ ଶୁଭଙ୍କର ଆତ୍ମହତ୍ୟା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ମୃତ ଗଜସାଥୀଙ୍କୁ ମିଳିବ ୪ଲକ୍ଷ

**କେନ୍ଦୁଝର,୧।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ମିରିଗିସିଙ୍ଗା ଜଙ୍ଗଲରେ ଦନ୍ତା ଆକ୍ରମଣରେ ମୃତ୍ୟୁବରଣ କରିଥିବା ଗଜସାଥୀ ସଞ୍ଜୟ ମୁଣ୍ଡା (୨୦)ଙ୍କୁ ସହାୟତା ମିଳିବ। ୪ ଲକ୍ଷ ଟଙ୍କା ସହାୟତା ସହିତ ଷ୍ଟାଫ ୱେଲଫେୟାର ଫଣ୍ଡରୁ ଆର୍ଥିକ ଅନୁକମ୍ପା ମୂଳକ ଆର୍ଥିକ ସହାୟତା ମିଳିବା ନେଇ ଡିଏଫ୍‌ଓ ଏଚ୍‌ଡି ଧନରାଜ କହିଛନ୍ତି। ପ୍ରକାଶ ଯେ, ହାତୀଙ୍କ ଦ୍ୱାରା ଧାନଫସଲର ସୁରକ୍ଷା ସହ ହାତୀଙ୍କ ଯାତାୟାତ ଉପରେ ନଜର ରଖିବା ପାଇଁ କେନ୍ଦୁଝର ବନଖଣ୍ଡର ୧୬୦ ଗ୍ରାମରେ ଗଜସାଥୀ ନିୟୋଜିତ ହୋଇଛନ୍ତି। ପ୍ରତି ଗ୍ରାମରୁ ୫ ଜଣ ଗଜସାଥୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅନୁଯାୟୀ ସମୁଦାୟ ୮୦୦ ଗଜସାଥୀ କାମ କରୁଛନ୍ତି। ଧାନ ଫସଲ ଅମଳ ସମୟରେ ସେମାନେ ଠିକାରେ କାମ କରିଥାନ୍ତି। ସେମାନଙ୍କୁ ନିଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ତାଲିମ ଦେବାକୁ ଦାବି ହେଉଛି।

### କଲେଜରେ ନୂଆ ଭୋଟର ସଚେତନତା

**ଆରଡ଼ି, ୧।୧୨ (ଡି.ଏନ୍.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବାବାମଣି ସ୍ନାତକ ମହାବିଦ୍ୟାଳୟରେ ନୂଆ ଭୋଟର ସଚେତନତା ଓ ପଞ୍ଜୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ସାହୁ, ଆଖଣ୍ଡଳମଣି ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଦିଲୀପ କୁମାର ମହାନ୍ତି, ଅଧାପକ ନିକୁଞ୍ଜ କିଶୋର ଜେନା, ପାଲସାହି ପିଇଓ ନରେନ୍ଦ୍ର କୁମାର ନାୟକ, ବୁଥ୍ ଲେବୁଲ ଅଫିସର ସୁପରଭାଇଜର ସୁବାସ ବସନ୍ତିଆ, ପ୍ରଶିକ୍ଷକ ସଞ୍ଜୟ ପାଢ଼ୀ, ଶିକ୍ଷାବିତ୍ ଦୀପ୍ତି ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ନୂଆ ଭୋଟର ତାଲିକାରେ କିପରି ନିଜ ନାମ ପଞ୍ଜୀକରଣ କରିବେ, ଏଥିପ୍ରତି ସମସ୍ତେ ସଜାଗ ହେବା, ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ନ କରିବାକୁ ସମସ୍ତେ ଯତ୍ନଶୀଳ ହେବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଭୋଟର ପଞ୍ଜୀକରଣ ବାବଦରେ ପ୍ରଶିକ୍ଷଣ ଦିଆଯାଇଛି। ସମସ୍ତ ଛାତ୍ରୀଛାତ୍ର ନିଜ ମୋବାଇଲରେ ଏ ସଂକ୍ରାନ୍ତୀୟ ଆପ୍ ଡାଉନଲୋଡ କରିଥିଲେ। ଏହି ଆପ୍ ମାଧମରେ ସମସ୍ତ ଛାତ୍ରୀଛାତ୍ର ନିଜ ନାମ ଭୋଟର ତାଲିକାରେ ସଂଯୋଗ କରିପାରିବେ ବୋଲି କହି ତାଲିମ ଦିଆଯାଇଥିଲା।

### କାନ୍ତ ସାହିତ୍ୟ ପରିଷଦର ନୂତନ କର୍ମକର୍ତ୍ତା

**ଧାମନଗର, ୧।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗରସ୍ଥିତ କାନ୍ତ ସାହିତ୍ୟ ପରିଷଦର ଏକ ବୈଠକରେ ଆଗାମୀ ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଧାମନଗର ସରକାରୀ ହାଇସ୍କୁଲ ପରିସରରେ ମନୋନୟନ ଭିତ୍ତିରେ ସଭାପତି ଭାବେ ରସାନନ୍ଦ ମହାପାତ୍ର, ଉପସଭାପତି ମହେଶ୍ୱର ସ୍ୱାଇଁ, ସନ୍ତୋଷ କୁମାର ପାଢ଼ୀ, ଅଜୟ ସାମଲ ଓ ସୁଶାନ୍ତ ରାଉତ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ସଙ୍ଗଠନ ସମ୍ପାଦକ ପ୍ରଦୀପ ମହାପାତ୍ର, ସହସମ୍ପାଦକ ମନୋଜ କୁମାର ଜେନା ଓ ମନୋଜ କୁମାର ସିଂ, କୋଷାଧକ୍ଷ ଭାବେ ହେମେନ୍ଦ୍ର କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ନିରାକାର ଧଳ, ଅନିଲ କୁମାର ବାରିକ, ଅଭିମନ୍ୟୁ ମଲିକ, କୃଷ୍ଣଚନ୍ଦ୍ର ଜେନା ଓ ଶୋଭାରାଣୀ ପଣ୍ଡା ରହିଛନ୍ତି। କାର୍ଯ୍ୟକାରୀ କମିଟିରେ ପ୍ରଶାନ୍ତ କୁମାର ନାୟକ, ଭାବଗ୍ରାହୀ ଖୁଣ୍ଟିଆ, ମନୋରମା ମହାନ୍ତି ଓ ସୁମତି ନାୟକ ଅଛନ୍ତି। ପରିଷଦ ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଚଳିତମାସ ୧୧ ତାରିଖରେ ଧାମନଗରଠାରେ ପରିଷଦର ବାର୍ଷିକୋତ୍ସବରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

# ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

■ ଚିକିତ୍ସାରେ ଅବହେଳା ଅଭିଯୋଗ
■ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

**ବାଲେଶ୍ୱର ଅଫିସ, ୧।୧୨**


ମୃତକଙ୍କ ସମ୍ପର୍କୀୟଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ବାଲେଶ୍ୱର ସରକାରୀ ମେଡିକାଲ କଲେଜ ତଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା ଯୋଗୁ ଗୁରୁବାର ପୂର୍ବାହ୍ନରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପହଞ୍ଚି ତୁରନ୍ତ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ମଙ୍ଗଳବାର ରାତିରେ ସିଂଲା ଥାନା ଅଞ୍ଚଳର ସାହାଡ଼ା ଗ୍ରାମର ସୁକୁମାର ମଣ୍ଡଳଙ୍କ ସ୍ତ୍ରୀ ସଜନୀ ଗର୍ଭଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ପରେ ତାଙ୍କର ସନ୍ତାନ ପ୍ରସବ କରାଯାଇଥିଲା। ବିଳମ୍ବିତ ରାତିରେ ସଜନୀ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରୁଥିବା ବେଳେ ମା' ଓ ସ୍ୱାମୀ ଦାୟିତ୍ୱରେ ଥିବା ନର୍ସଙ୍କୁ ବହୁବାର ଡାକିଥିଲେ। ଭୋର୍ ସମୟରେ ସଜନୀଙ୍କ ମୃତ୍ୟୁ ହୋଇଥିଲା। ସଜନୀଙ୍କ ପରିବାର ଲୋକେ କାନ୍ଦୁଥିବା ବେଳେ ଜିଲାପାଳ ଶିନ୍ଦେ ଏଡସ୍ ଦିବସ ପାଳନ ପାଇଁ ଅତିଥି ଭାବେ ଯୋଗଦେବାକୁ ଯାଇଥିବା ବେଳେ ଘଟଣା ବିଷୟରେ ଜାଣି ପାରି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପହଞ୍ଚିଥିଲେ। ଘଟଣା ବୁଝିବା ପରେ କର୍ତ୍ତବ୍ୟରେ ଅବହେଳା କରିଥିବା ନର୍ସ ଓ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦ୍ଦେବ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଘଟଣାର ତଦନ୍ତ କରିଥିଲି। ଉକ୍ତ ପ୍ରସୂତି ୱାର୍ଡ଼ରେ ଥିବା ଅନ୍ୟ ସମସ୍ତ ରୋଗୀ ଓ ସମ୍ପର୍କୀୟମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରାୟ ସମସ୍ତେ ଡାକ୍ତର ଓ ନର୍ସଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ଏନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ଜିଲାପାଳଙ୍କୁ ହସ୍ତାନ୍ତର କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଷ୍ଟାର୍ଟଅପ୍ ପ୍ରକଳ୍ପ ପାଇଁ ମୟୂରଭଞ୍ଜର ଛାତ୍ରୀ ପୁରସ୍କୃତ

**ବାରିପଦା ଅଫିସ,୧।୧୨**

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ରୀ ସ୍ନେହା ନାୟକ ମେକ୍ ଇନ୍ କନ୍‌କ୍ଲେଭ୍-୨୦୨୨ରେ ୧ ଲକ୍ଷ ଟଙ୍କା ସହ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ପୁରସ୍କାର ପାଇଛନ୍ତି। ନିଜର ଷ୍ଟାର୍ଟଅପ ପ୍ରକଳ୍ପ ପାଇଁ ଗୁରୁବାର ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ପୁରସ୍କୃତ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟର ଯୋଗ ଏବଂ ନ୍ୟାଚୁରୋପାଥୀ ବିଭାଗର ଛାତ୍ରୀ। ତାଙ୍କର ପ୍ରକଳ୍ପ 'ହାର୍ଟ'(ହିଲିଙ୍ଗ ଆର୍ଟ) ଷ୍ଟାର୍ଟଅପ୍ ଓ ଯାତ୍ରା ୨.୦ ର ଶ୍ରେଷ୍ଠ ୧୧ଟି ପ୍ରକଳ୍ପ ମଧ୍ୟରେ ଯୋଗ୍ୟ ବିବେଚିତ ହୋଇଛି। ସେ ମଣ୍ଡଳ ଚିତ୍ର ଅଙ୍କନ କରନ୍ତି। ସେହି ମଣ୍ଡଳ ଚିତ୍ର ଗୁଡ଼ିକ ଅନୁଧ୍ୟାନ ଦ୍ୱାରା ବିଭିନ୍ନ ରୋଗୀ ତଥା ବ୍ୟକ୍ତିଙ୍କଠାରେ ସକାରାତ୍ମକ ପ୍ରଭାବ ପଡ଼ିବା ସହ ଭୟ, କ୍ରୋଧ, ଦୁଃଖ ଦୂର କରି ଆତ୍ମବିଶ୍ୱାସ ବଢ଼ାଏ ବୋଲି ସେ ଦାବି କରନ୍ତି। ନିକଟରେ ସେ ତାଙ୍କର ତିନୋଟି ମଣ୍ଡଳ ଚିତ୍ରର ଡିଜାଇନ ପେଟେଣ୍ଟ ପାଇଁ ଆବେଦନ କରିଛନ୍ତି। ସ୍ନେହାଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ବେଲପାଳ ଗ୍ରାମରେ। ତାଙ୍କ ପିତା ମୃତ୍ୟୁଞ୍ଜୟ ନାୟକ ଜଣେ ଚାଷୀ ଓ ମା'ପୁଷ୍ପଲତା ଗୃହିଣୀ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଛାତ୍ରୀ ସ୍ନେହା ନାୟକ।

# 'ବିସ୍ତାରବାଦୀ ଆଭିମୁଖ୍ୟ ଯୁଦ୍ଧର ମୂଳ କାରଣ'



ଅତିଥିମାନେ ଗଳ୍ପ ସଙ୍କଳନ ଲୋକାର୍ପଣ କରୁଛନ୍ତି।

**ଭଦ୍ରକ ଅଫିସ,୧।୧୨**

### ଭଦ୍ରକ ପୁସ୍ତକ ମେଳାର ୭ମ ସନ୍ଧ୍ୟା

ଆମେରିକା ଓ ଚୀନ ଭଳି ପ୍ରଭାବଶାଳୀ ରାଷ୍ଟ୍ର କଳିର ସୂତ୍ରପାତ କରୁଛନ୍ତି। ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ବୁଝାମଣାର ଅଭାବ ଘଟିଲେ ଏହା କ୍ରମେ ସମଗ୍ର ବିଶ୍ୱ ସମୁଦାୟକୁ ପ୍ରଭାବିତ କରିବ। ଏଣୁ ବିସ୍ତାରବାଦୀ ଆଭିମୁଖ୍ୟ ହିଁ ସମ୍ପ୍ରତି ଯୁଦ୍ଧର ମୂଳ କାରଣ ବୋଲି ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ଭଦ୍ରକ ପୁସ୍ତକ ମେଳାର ୭ମ ସନ୍ଧ୍ୟାରେ ଗୁରୁବାର 'ବିଷ୍ଣୁ ସେଠୀ ମଞ୍ଚ'ରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କମିଟି କୋଷାଧକ୍ଷ ସାମାଜିକ କର୍ମୀ ହରିଶ ଦାସଙ୍କ ପୌରୋହିତ୍ୟରେ 'ଯୁଦ୍ଧ, ବିସ୍ତାରବାଦ ଓ ସାମ୍ପ୍ରତିକ ବିଶ୍ୱ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ମହାମେଘବାହନ ଐର ଖାରବେଳ ସ୍ୱାଇଁ ଯୋଗଦେଇ ଏକଛତ୍ରବାଦୀଙ୍କ ବିସ୍ତାରବାଦୀ ମନୋବୃତ୍ତିକୁ ରୋକିବା ଏବେ ସମଗ୍ର ବିଶ୍ୱ ସମୁଦାୟ ପାଇଁ ସବୁଠୁ ବଡ଼ ଆହ୍ୱାନ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ 'ଅମାପ ଅନ୍ଧାର'ର କବି ତଥା ରାଜନେତା ଦୀନବନ୍ଧୁ ପତି ଓ ଅନ୍ୟତମ ଅତିଥି ଭାବେ କବି କିଶୋର ପାଣିଗ୍ରାହୀ ଯୋଗ ଦେଇଥିଲେ।

ଏହି ଅବସରରେ ଗାଳ୍ପିକ ମଦନ ମୋହନ ମହାକୁଡ଼ଙ୍କ 'ସନ୍ଦିଗ୍ଧ ସମ୍ବିଧାନ' ଗଳ୍ପ ସଙ୍କଳନ ଲୋକାର୍ପଣ କରାଯାଇଥିଲା। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପକ ଡ. ଅଭୟ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କମିଟି ସଭାପତି ଅଜୟ ନାୟକ, ସମ୍ପାଦକ ରୂପକ ବିହାରୀ ରାୟ, ଡା. ପ୍ରଦୀପ କୁମାର ନାୟକ, ଚର୍ଚ୍ଚିକା ମହାପାତ୍ର, ଅଶୋକ କୁମାର ଦ୍ୱିବେଦୀ, ମନୋରଞ୍ଜନ ଦାସ, ରମାକାନ୍ତ ନାୟକ, ଲକ୍ଷ୍ମୀକାନ୍ତ ବାରିକ, ଗୌରାଙ୍ଗ ବାରିକ, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଅଧିବକ୍ତା ଗଦାଧର ବଳ, କବି ହୃଦାନନ୍ଦ ପାଣିଗ୍ରାହୀ, ବାବୁଲାଲ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କବି ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ୫ରୁ ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

**କେନ୍ଦୁଝର,୧।୧୨(ଡି.ଏନ୍.ଏ)**

କେନ୍ଦୁଝର ଜିଲାପାଳ ଆଶିଷ୍ ଠାକ୍‌ରେ ଓ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି। ଆସନ୍ତା ୫ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବାକୁ ଥିବା ବେଳେ ୧୨ ସୋମବାର ହାଟଡିହୀ ବ୍ଲକ୍ କାର୍ଯ୍ୟାଳୟ, ୧୯ ସୋମବାର ଝୁମ୍ପୁରା ବ୍ଲକ୍ କାର୍ଯ୍ୟାଳୟ ଏବଂ ୨୬ ସୋମବାର ତେଲକୋଇ ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଜଳସେଚନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ଜିଲା ସମାଜ କଲ୍ୟାଣ ବିଭାଗ, ଜିଲା ସାମାଜିକ ସୁରକ୍ଷା ବିଭାଗ, ଜଳଛାୟା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଧର୍ମପରାୟଣା ମହିଳାଙ୍କ ବିୟୋଗରେ ଶୋକ

**ବୈଶିଙ୍ଗା,୧।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳର ମେଳାପୀ, ଧର୍ମପରାୟଣା ଓ ପରୋପକାରୀ ମହିଳା ମଣିମାଳା ଦେବୀ(୮୮)ଙ୍କର ମଙ୍ଗଳବାର ଅପରାହ୍ନରେ ବାରିପଦା ଡାକ୍ତରଖାନାରେ ପରଲୋକ ଘଟିଛି। ଏନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ନାରୀ ସଙ୍ଗଠନକୁ ସଶକ୍ତ କରିବା ପାଇଁ ଗଠନ କରାଯାଇଥିବା କସ୍ତୁରବା ନାରୀ ସଂଘର ସେ ସମ୍ପାଦିକା ଭାବେ ଦାୟିତ୍ୱ ତୁଲାଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ର ରାଜେନ୍ଦ୍ର, ସରୋଜ, ପୁତ୍ରବଧୂ, ଝିଅଜ୍ୱାଇଁ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ।

# ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

**ଠାକୁରମୁଣ୍ଡା,୧।୧୨(ଡି.ଏନ.ଏ.)**

ବନ୍ୟପ୍ରାଣୀ ଶିକାର ସମ୍ବନ୍ଧରେ ଖବର ପାଇ ଚଢ଼ାଉ କରିବାକୁ ଯାଇଥିବା ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ କେନ୍ଦୁମୁଣ୍ଡି ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନଙ୍କୁ ଆକ୍ରମଣ ଘଟଣାରେ ଠାକୁରମୁଣ୍ଡା ଥାନା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହଜାତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଠାକୁରମୁଣ୍ଡା ଥାନା ସଲେଇବେଡ଼ା ପଞ୍ଚାୟତ ଅନ୍ତର୍ଗତ ଏଡେଲବେଡା ଗ୍ରାମର ମାଣିକ ରାମ କାଣ୍ଡିୟାଙ୍ଗ (୫୨),ମରା କାଣ୍ଡିୟାଙ୍ଗ (୪୨),ରାମଗି କାଣ୍ଡିୟାଙ୍ଗ (୬୧),ଗୋପବନ୍ଧୁ କାଣ୍ଡିୟାଙ୍ଗ(୩୨) ଓ ତୁରୀ କାଣ୍ଡିୟାଙ୍ଗ(୩୦)।

ସୂଚନା ଅନୁଯାୟୀ, ଗତ ସୋମବାର ରାତିରେ ରେଞ୍ଜର ଦୁର୍ଗା ଚରଣ ବାସ୍କେଙ୍କ ନେତୃତ୍ୱରେ ୨ଟି ଗାଡ଼ିରେ କର୍ମଚାରୀମାନେ ଏଡେଲବେଡ଼ା ଗ୍ରାମକୁ ଯାଇ ତଲାସୀ କରିଥିଲେ। ଏହି ସମୟରେ ୩୦/୪୦ଜଣ ଗ୍ରାମବାସୀ ସଂଘବଦ୍ଧ ହୋଇ ବନ କର୍ମଚାରୀମାନଙ୍କୁ ଅଟକ ରଖିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ରେଞ୍ଜ ଅଧିକାରୀ ବାସ୍କେଙ୍କ ସମେତ ଅନ୍ୟ ଦୁଇ କର୍ମଚାରୀ ବୈଦ୍ୟନାଥ ମହାନ୍ତ ଓ ବାଜୁନ ହେମ୍ବ୍ରମ ଗୁରୁତର ହୋଇଥିଲେ। ରେଞ୍ଜ ଅଧିକାରୀଙ୍କ ଅଭିଯୋଗକୁ ଭିତ୍ତି କରି ଠାକୁରମୁଣ୍ଡା ଥାନା ପୋଲିସ ଏକ ମାମଲା(ନଂ.୧୩୯/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। କରଞ୍ଜିଆ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇ, ଠାକୁରମୁଣ୍ଡା ଥାନା ଆଇଆଇସି ରଞ୍ଜୁ ହସିନା କୁଲୁ, କରଞ୍ଜିଆ ଥାନା ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ଗାଁରେ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

# ଲୁହାପାଇପ୍ ବୋଝେଇ ଗାଡ଼ି ଜବତ, ୧୦ ଅଟକ

**ସାରସକଣା,୧।୧୨(ଡି.ଏନ.ଏ.)**



ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଜାଲଦା ନିକଟସ୍ଥ ସୁବର୍ଣରେଖା କେନାଲ ଦେଇ ଯାଉଥିବା ଏକ ଚୋରା ଲୁହାପାଇପ୍ ବୋଝେଇ ଗାଡ଼ିକୁ ପୋଲିସ ଜବତ କରିଛି। ଏହି ଘଟଣାରେ ୧୦ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

ପୋଲିସ ସୂଚନା ଅନୁଯାୟୀ, ରାତ୍ରି ପାଟ୍ରୋଲିଂ ସମୟରେ ଏକ ଗାଡ଼ିରେ ପାଇପ୍ ବୋଝେଇ ହୋଇ ଯାଉଥିବା ସମୟରେ ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ ସନ୍ଦେହରେ ଅଟକାଇଥିଲେ। ପରେ ଧାଙ୍ଗୁଡିଶୋଳ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁଠାରେ ରହିଥିବା ଏକ କମ୍ପାନୀର ପାଇପ୍ ଗୋଦାମ ନିକଟରେ ପହଞ୍ଚି ତଦାରଖ କରିଥିଲେ। ଚୋରି ଖବରପାଇ କମ୍ପାନୀର ସ୍ଥାନୀୟ ଅଧିକାରୀ ସ୍ୱାମୀନାଥନ ଏମ. ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୨୮୦/୨୨) ରୁଜୁ କରି ଗାଡ଼ି ଜବତ କରିବା ସହିତ ୧୦ଜଣଙ୍କୁ ଅଟକ ରଖିଛି।

# ୭ମାସ ହେଲା ଅଙ୍ଗନୱାଡି କେନ୍ଦ୍ରରେ ତାଲା

**ଜଳେଶ୍ୱର, ୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ବରଡିହା ପଞ୍ଚାୟତ ବାଖୁଡିପଦା ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଚୟନ ନେଇ ସମସ୍ୟା ସୃଷ୍ଟି ହେବାରୁ କେତେଜଣ ଅଭିଭାବକ ତାଲା ପକାଇଛନ୍ତି । ପ୍ରଶାସନିକ ଉଦାସୀନତାରୁ ୭ ମାସ ଧରି ଶିଶୁମାନେ ଶିକ୍ଷାଗ୍ରହଣରୁ ବଞ୍ଚିତ ହେଉଛନ୍ତି ।

ରାଇବଣିଆ ବରଡିହା ପଞ୍ଚାୟତ ଅଧୀନ ବାଖୁଡିପଦାଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି । ସେଠାରେ ସହାୟିକା ଭାବେ କାର୍ଯ୍ୟ କରୁଥିବା ସମବାରୀ ମହାନ୍ତଙ୍କୁ କାର୍ଯ୍ୟ କରାଇ ନ ଦେବା ପାଇଁ ତା ୨୧।୪।୨୨ରିଖରେ କେନ୍ଦ୍ରରେ ତାଲା ପକାଯାଇଥିଲା। ଏ ସମ୍ପର୍କରେ ବିଡିଓ, ସିଡିପିଓ ଓ କୁଶଗଡ ପୋଲିସକୁ ଜଣାଇବା ପରେ ତା ୧୫।୫।୨୨ରେ କେତେକ କର୍ମଚାରୀ ସେଠାରେ ପହଞ୍ଚିଥିଲେ ମଧ୍ୟ ଏହାର ସମାଧାନ ହୋଇପାରି ନ ଥିଲା। ତା ୧୯।୫।୨୨ରିଖରେ ଜଳେଶ୍ୱର ବିଡିଓ, ସିଡିପିଓ, ସରପଞ୍ଚ, ରାଇବଣିଆ ଥାନା ଅଧିକାରୀ ପହଞ୍ଚି ଆଲୋଚନା ଆରମ୍ଭ କରିଥିଲେ ମଧ୍ୟ ତାହା ସମ୍ଭବ ନ ହେବାରୁ ତା୧୬।୮।୨୨ରିଖରେ ଜିଲାପାଳ, ଉପଜିଲାପାଳ, ଡିଏସ୍‌ଡବ୍ଲ୍ୟୁଙ୍କୁ ଘଟଣା ସମ୍ପର୍କରେ ଜଣାଇ ଦିଆଯାଇଥିଲା। ଅଦ୍ୟାବଧି ତାଲା ଖୋଲା ଯାଇ ନ ଥିବାରୁ ଶିଶୁମାନେ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଅତିଶୀଘ୍ର ତାଲା ଖୋଲାଯିବା ଲାଗି ଗାଁର ଦିବ୍ୟେନ୍ଦୁ କୁମାର ଦେ, ଜଗନ୍ନାଥ ମହନ୍ତ ଓ ଶଙ୍କର ବାରିକ ପ୍ରମୁଖ ଗତ ସୋମବାର ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଭାରପ୍ରାପ୍ତ ସିଡିପିଓ ବନିତାମଣି ସିଂଙ୍କୁ ପଚାରିବାରୁ ପ୍ରାୟ ୩୦ଜଣ ଶିଶୁଙ୍କୁ ଶୁଖିଲା ଖାଦ୍ୟ ବଣ୍ଟାଯାଉଥିବା ବେଳେ ସମସ୍ୟାର ସମାଧାନ ଲାଗି ଚେଷ୍ଟା ଅବ୍ୟାହତ ରହିଥିବା କହିଥିଲେ।

# ଋଣ ପ୍ରଦାନକାରୀ ସଂସ୍ଥାର ୫୬ ଲକ୍ଷ ହଡ଼ପ

**ଖୁଣ୍ଟା,୧।୧୨(ଡି.ଏନ.ଏ.)**

### ୨ କର୍ମଚାରୀ ଗିରଫ

ମୟୂରଭଞ୍ଜ ଜିଲା ଖୁଣ୍ଟା ବଜାରରେ ଥିବା ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସ (ସ୍ୱର୍ଣ୍ଣ ବନ୍ଧକ ) ଋଣ ପ୍ରଦାନକାରୀ ସଂସ୍ଥାରୁ ୫୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଉକ୍ତ ସଂସ୍ଥାର ୨ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସଂସ୍ଥାର ଖୁଣ୍ଟା ଶାଖା ମୁଖ୍ୟ ପରିଚାଳକ ଦିପ୍ତୀରଞ୍ଜନ ମହାପାତ୍ର ଏବଂ ଅତିରିକ୍ତ ପରିଚାଳକ ରାମକ୍ରିଷ୍ଣ ବାରିକ୍।

ପୋଲିସ ସୂଚନା ଅନୁଯାୟୀ, କିଛି ବର୍ଷ ପୂର୍ବେ ଖୁଣ୍ଟା ମୁଖ୍ୟ ବଜାରରେ ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସର ଏକ ଶାଖା ଖୋଲା ଯାଇଥିଲା। ଏହି ଶାଖା ମାଧମରେ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖାଯାଇ ଋଣ ମଞ୍ଜୁର କରାଯାଇଥାଏ। ମାତ୍ର ଉକ୍ତ ଶାଖାରେ ବ୍ୟାପକ ହେରାଫେରି ହୋଇଥିବା ସଂସ୍ଥାର ଉଚ୍ଚ ପଦାଧିକାରୀ ଜାଣିବାକୁ ପାଇଥିଲେ। ଏ ନେଇ ଉକ୍ତ ସଂସ୍ଥାର ରିଜିଓନାଲ ମ୍ୟାନେଜର ମନୋଜ ଜେନା ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖୁଣ୍ଟା ଶାଖାର ମୁଖ୍ୟ ପରିଚାଳକ ମହାପାତ୍ର ଏବଂ ଅତିରିକ୍ତ ପରିଚାଳକ ବାରିକ କମ୍ପାନୀ ଟଙ୍କାରୁ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୨୯ ଲକ୍ଷରୁ ଅଧିକ ଟଙ୍କାର ୮୬୦ ଗ୍ରାମର ସୁନା ଅଳଙ୍କାର ସମେତ ସୁଧ ବାବଦ ଟଙ୍କାକୁ ମିଶାଇ ମୋଟ ୫୬ ଲକ୍ଷ ୮୬ ହଜାର ୩୪୮ ଟଙ୍କାର ହେରାଫେରି କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଗୁରୁବାର ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଖୁଣ୍ଟା ଶାଖାରେ ପହଞ୍ଚି ପୁନଃ ତଦନ୍ତ ଜାରି ରଖିଛନ୍ତି। ଅପରପକ୍ଷେ ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୩୪୦/ ୨୨) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ନରଣପୁର-ଡୁବୁରି ରାସ୍ତା ଅବରୋଧକଲେ ଲୋକେ

**କେନ୍ଦୁଝର,୧।୧୨(ସ୍ୱ.ପ୍ର.)**

### ରାସ୍ତାକଡ଼ରେ ଆବର୍ଜନା ପକାଇବାକୁ ବିରୋଧ

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ନରଣପୁର-ଡୁବୁରି ରାସ୍ତାର ଉକୁଚାବେଡ଼ା ନିକଟରେ କେନ୍ଦୁଝର ସହରରୁ ବାହାରୁଥିବା ଆବର୍ଜନା ପକାଯାଉଛି। ଏହାକୁ ବିରୋଧ କରି ସ୍ଥାନୀୟ ଲୋକମାନେ ଉକ୍ତ ରାସ୍ତା ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ଏବଂ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପଣ୍ଡାପଡ଼ା ପୋଲିସ ବୁଝାସୁଝା କରିବା ପରେ ଅବରୋଧ ଉଠିଥିଲା।

କେନ୍ଦୁଝର ସହରର ଦୋକାନ, ହୋଟେଲରୁ ଦୈନିକ ୧୫ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ମଇଳା ବାହାରୁଛି। ସେସବୁର ପରିଚାଳନା ପାଇଁ କୌଣସି ଡମ୍ପିଂ ୟାର୍ଡ ନ ଥିବାରୁ ଏଣେ ତେଣେ ପକାଯାଉଛି। ଫଳରେ ଡାଙ୍ଗରପଡ଼ା ଶ୍ମଶାନ ଏବେ ଡମ୍ପିଂ ୟାର୍ଡ ପାଲଟିଯାଇଛି। ସେହିପରି ହଳଦିଆଟାଙ୍ଗିରୀ ମନ୍ଦିର ରାସ୍ତା, ଘୁଟୁର ଆଦି ଲୋକଙ୍କ ଚଳପ୍ରଚଳ ଅଞ୍ଚଳରେ ଆବର୍ଜନା ପକାଯାଉଥିବାରୁ ପ୍ରଦୂଷଣ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ସେହିପରି କିଛି ଦିନ ହେଲା ମଇଳା ଆବର୍ଜନା ଉକୁଚାବେଡ଼ା ରାସ୍ତା କଡ଼ରେ ପକାଯାଉଥିବାରୁ ଲୋକେ ପ୍ରତିବାଦ କରି ଆସୁଥିଲେ। କେହି ନ ଶୁଣିବାରୁ ଗୁରୁବାର ରାସ୍ତାକୁ ଓହ୍ଲାଇଥିଲେ। କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ଟ୍ରାକ୍ଟର ଲଗାଇ ଅଳିଆ ଆବର୍ଜନା ଉଠାଇବା ପରେ ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକରୁ ଉଠିଥିଲେ।


ରାସ୍ତାରେ ଗ୍ରାମବାସୀ ବସିଛନ୍ତି।

# ବିଦ୍ୟୁତ୍ କର୍ମଚାରୀଙ୍କୁ ସୁରକ୍ଷା ପ୍ରଶିକ୍ଷଣ

**ଚମ୍ପୁଆ,୧।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଦ୍ୟୁତ୍ କର୍ମଚାରୀଙ୍କ ସୁରକ୍ଷା ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଟାଟା ପାୱାର ନରଥେନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ମୁଖ୍ୟ ଅପରେଟର ନିଲେଶ ଚନ୍ଦ୍ରକାନ୍ତ ପଟଫଡେ ଉଦ୍‌ଘାଟନ କରିଥିଲେ। ଚମ୍ପୁଆ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ନାରାୟଣ ବେହେରା, ସୁରକ୍ଷା ଅଫିସର ସମରେନ୍ଦ୍ର ଭୂୟାଁ ଓ କୋଡିନେଟର ମନିରାଜ ସିଂ ପ୍ରମୁଖ ଆୟୋଜନ କରିଥିଲେ। ବିଦ୍ୟୁତ୍ କର୍ମଚାରୀ ୩୩ କେଭି ଓ ୧୧ କେଭି ଲାଇନ, ଡବଲ ଖୁଣ୍ଟରେ ସବ୍‌ଷ୍ଟେସନ ପାଇଁ ଟ୍ରାନ୍ସଫରମର ବସାଇବା ସହ ଗୋଟିଏ ଖୁଣ୍ଟରେ ବିଦ୍ୟୁତ୍ ଯୋଗାଣ ହୋଇପାରିବ, ସଠିକ୍ ପ୍ରଣାଳୀରେ ଡିପି ପ୍ରସ୍ତୁତ କରିବା, ଠିକ୍ ସ୍ଥାନ ନିରୁପଣ କରିବା ଯେପରିକି କୌଣସି ଧନ ଜୀବନ ପ୍ରତି ବିପଦ ନଥିବ, ଆର୍ଥିଂ ବସାଇବା, ସତର୍କତାର ସହ ସଚେତନ ହୋଇ କାର୍ଯ୍ୟ କରିବା ଓ ଉପଭୋକ୍ତାଙ୍କୁ ଉପଯୁକ୍ତ ବ୍ୟବହାର ଦେଖାଇବା ଉପରେ ଆଲୋଚନା ହୋଇଥିଲା। ଏହା ସହିତ ସର୍କଲ ସୁରକ୍ଷା ଅଫିସର ସୁମିତ୍ରା ପାତ୍ର, ଗୌରିସ ଧ୍ରୁବେ ଓ ସମସ୍ତ ବିଭାଗୀୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଶେଷରେ ଲାଇନ୍‌ମ୍ୟାନ, ସହକାରୀ ଲାଇନ୍‌ମ୍ୟାନ, ସେକ୍ସନ ସୁପରଭାଇଜର ଅନିଲ ମହାନ୍ତ, ବିଭିଷଣ ମୁଣ୍ଡା, କାଶିଫ ରେଜା, ବିକ୍ରମ ନାଏକ, ସୁରେଶଚନ୍ଦ୍ର ନାଏକ, ପ୍ରକାଶ ଚନ୍ଦ୍ର ପାତ୍ର ଇତ୍ୟାଦି ଚମ୍ପୁଆ ଓ ରିମୁଳି ସେକ୍ସନର କର୍ମଚାରୀମାନଙ୍କର କାର୍ଯ୍ୟ ଦକ୍ଷତା ଓ ଶୃଙ୍ଖଳାକୁ ବିଚାର କରି ପୁରସ୍କୃତ କରାଯାଇଥିଲା।

## ବସ୍ ଧକ୍କାରେ ବୃଦ୍ଧ ମୃତ

**କପ୍ତିପଦା,(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତର କାନକୁମୁରା ଛକରେ ବସ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାନକୁମୁରା ଗ୍ରାମର କର୍ଣ୍ଣ ମହାନ୍ତ(୫୫)। ଉକ୍ତ ଛକରୁ ସେ ଘରକୁ ଫେରୁଥିବାବେଳେ ଠାକୁରମୁଣ୍ଡାରୁ ବାରିପଦା ଅଭିମୁଖେ ଯାଉଥିବା ଖାଡ଼େଶ୍ୱର ବସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ବସ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଆଶାକର୍ମୀଙ୍କୁ ମାଡ଼ ଅଭିଯୋଗ

**ପାଟଣା,୧।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ବାଲିବନ୍ଧ ଗ୍ରାମର ଜଣେ ଆଶାକର୍ମୀଙ୍କୁ ମାଡ଼ ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ଆଶାକର୍ମୀ ତରୁଲତା ମହାନ୍ତ ଗୁରୁବାର ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ପାଟଣା ଥାନାରେ ନଂ. ୨୫୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିବା ଏଏସ୍ଆଇ ପଦ୍ମାବତୀ ବିଶ୍ୱାଳ କରିଛନ୍ତି। ସୂଚନା ମୁତାବକ, ଗ୍ରାମର ଗୌରହରି ମୁଣ୍ଡାଙ୍କ ସ୍ତ୍ରୀ ନୀତିମା ମୁଣ୍ଡା ଗତ ମଙ୍ଗଳବାର ଗର୍ଭଯନ୍ତ୍ରଣା ପାଇବାରୁ ଡାକ୍ତରଖାନା ନେବାକୁ ପରିବାର ଲୋକେ ଆଶାକର୍ମୀ ତରୁଲତାଙ୍କୁ କହିଥିଲେ। ଆଶାକର୍ମୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଓ ତାଙ୍କ କକା ଶ୍ୱଶୁରଙ୍କ ଶୁଦ୍ଧି କ୍ରିୟାଥିବାରୁ ସେ ଯାଇପାରିବେ ନାହିଁ ବୋଲି କହିଥିଲେ। ୧୦୨ ଆମ୍ବୁଲାନ୍ସ ଡକାଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାରେ ଅବହେଳା ଅଭିଯୋଗ କରି ପ୍ରସୂତିଙ୍କ ସମ୍ପର୍କୀୟ ଆଶକର୍ମୀଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

### ୧୩ରୁ ମଇତାପୁର ମହୋତ୍ସବ

**ସିମୁଳିଆ, ୧।୧୨(ଡି.ଏନ.ଏ.):** ଆସନ୍ତା ୧୩ରୁ ୧୭ପର୍ଯ୍ୟନ୍ତ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳରେ ପ୍ରଥମ ବାର୍ଷିକ 'ମଇତାପୁର ମହୋତ୍ସବ' ଅନୁଷ୍ଠିତ ହେବ। ୫ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ କଳାକାର ଓ ବିଶିଷ୍ଟ ଅତିଥିମାନେ ଯୋଗ ଦେବେ। ଏହି ଅବସରରେ ମଇତାପୁର ରୟାଲ ସ୍କୁଲ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରୟାଲ ସମୂହରେ ଅଧକ୍ଷ ବିଷ୍ଣୁମୋହନ ମହାନ୍ତି ଓ ମହୋତ୍ସବ ସମ୍ପାଦକ ପଦ୍ମଲୋଚନ ଦାଶ ସୂଚନା ଦେଇଥିଲେ। ସମ୍ପାଦକ ଦାଶ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଅଧକ୍ଷ ମହାନ୍ତି ଏହି ମହୋତ୍ସବର ସ୍ୱପ୍ନ ୧୯୮୨ରୁ ଆରମ୍ଭ ହୋଇଥିଲା । ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ପାଇଁ ଏହା ସୂଚାରୁ ରୂପେ କରାଯାଇ ପାରି ନ ଥିବା କହିବା ସହ ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଇଁ ଏହି ମହୋତ୍ସବ ଅନୁଷ୍ଠିତ ହେଉଥିବା ସେ ସୂଚନା ଦେଇଥିଲେ।

### ଖୁଣ୍ଟା ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ଖୁଣ୍ଟା,୧।୧୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଖୁଣ୍ଟା ପ୍ରିମିୟର ଲିଗ୍ (କେପିଏଲ୍)ର ୮ମ ସଂସ୍କରଣ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଆରମ୍ଭ ହୋଇଛି। ୧୧ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଖୁଣ୍ଟା ଜାଗୁଆର, ଧାନଘେରା ସୁପର କିଙ୍ଗ୍, ମାତାରିଣୀ ସୁପରଷ୍ଟାର, କେ ପି ୱାରିୟର, କ୍ରେଜି ଏକାଦଶ ଓ ବିଏସ୍ଏଫ୍ ଫାଇଟର ଆଦି ମୋଟ ୬ ଫ୍ରାଞ୍ଚାଇଜ୍ ଟିମ ଅଂଶ ଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସାନଖୁଣ୍ଟା ସରପଞ୍ଚ ସୁମୀ ହାଁସଦା, ଖୁଣ୍ଟା ବ୍ଲକର ପୂର୍ବତନ ଅଧକ୍ଷା ପୁଷ୍ପଲତା ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଖୁଣ୍ଟା ଜାଗୁଆର ଓ ଧାନଘେରା ସୁପର କିଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅସୋସିଏସନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଚ୍ୟାଲେଞ୍ଜର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ

**ଚମ୍ପୁଆ,୧।୧୨(ଡି.ଏନ.ଏ):** କେନ୍ଦୁଝର ଜିଲା ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଚମ୍ପୁଆ କ୍ରିକେଟ୍ କ୍ଲବ୍ ପକ୍ଷରୁ ୫ମ ଚ୍ୟାଲେଞ୍ଜର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୨୪ ଗୋଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ତ୍ରିରଙ୍ଗା ଇଲେଭେନ୍ ଓ ରୁଦ୍ର ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ତ୍ରିରଙ୍ଗା ଇଲେଭେନ୍ ବିଜୟୀ ହୋଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଏସ୍‌ଡିପିଓ ରାମରାୟ ମୁର୍ମୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏନ୍ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ଥାନାଧିକାରୀ ଗଗନ ବିହାରୀ ନାଏକ, ବଦ୍ରୁଜେମା, ଆଥ୍‌ଲେଟିକ୍ ଆସୋସିଏସନ ସମ୍ପାଦକ ସତ୍ୟବାନ କର, ସୁବାସ ରାମ ଯୋଗ ଦେଇଥିଲେ। ୧୧ତାରିଖ ପର୍ଯ୍ୟନ୍ତ ଖେଳ ଚାଲିବା ନେଇ କ୍ଲବ୍ ସଭାପତି ଅରୁଣ ପତି ସୂଚନା ଦେଇଛନ୍ତି।

# ମଧ୍ୟାହ୍ନଭୋଜନ ପାଇଁ ୧ କି.ମି. ଦୂରରୁ ଆସୁଛି ପାଣି

- ୨୦୦୮ରୁ ବିଦ୍ୟାଳୟ ନଳକୂପ ଅଦରକାରୀ
- ବାହାରୁଛି ଲୁଣିପାଣି

**ଆରଡ଼ି,୧।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାଳସାହି ପଞ୍ଚାୟତ ଗାନ୍ଧିଘାଟ ଶାସନ ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ନଳକୂପଟି ୨୦୦୮ରୁ ଅଦରକାରୀ ହୋଇପଡ଼ିଛି। ଏଥିରୁ ଲୁଣିପାଣି ବାହାରୁଛି। ଫଳରେ ଏହି ନଳକୂପ ପାଣି ବ୍ୟବହାର ଅନୁପଯୋଗୀ ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାନୀୟ ଜଳ ଓ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ପାଚିକା ହିଁ ସାହା ଭରସା ପାଲଟିଛନ୍ତି। ପାଚିକାଙ୍କୁ ବିଦ୍ୟାଳୟଠାରୁ ପ୍ରାୟ ୧ କି.ମି. ଦୂରରେ ଥିବା ନିଜ ଗାଁ ନଳକୂପରୁ ମାଠିଆ ଓ ବାଲ୍‌ଟିରେ ପାଣି ବୋହି ଆଣିବାକୁ ପଡୁଛି।

ଏହି ସ୍କୁଲରେ ଏବେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୪୦ରୁ ଅଧିକ। ଜଣେ ପ୍ରଧାନଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ପଢ଼ାଇବା ପାଇଁ ନିଯୁକ୍ତ ଅଛନ୍ତି। ୧୪ବର୍ଷ ହେଲା ବିଦ୍ୟାଳୟ ପରିସରରେ ଥିବା ନଳକୂପରୁ ଲୁଣିପାଣି ବାହାରୁଛି। ଛାତ୍ରୀଛାତ୍ର ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ସୁବିଧା ନ ଥିବାରୁ ନିର୍ମିତ ଶୌଚାଳୟ ଅଚଳ ହୋଇପଡ଼ିଛି। ଶୌଚ ହେବା ଲାଗି ଛୋଟ ପିଲାମାନେ ନିକଟରେ ଥିବା ନଦୀକୁ ଯାଉଛନ୍ତି, ଯାହାକି ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ବିଦ୍ୟାଳୟ ପ୍ରାଚୀରକୁ ଲାଗି ରହିଛି ଜଳସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ସେଠାରେ ପାନୀୟ ଜଳର ସମସ୍ତ ସୁବିଧା ଥିଲେ ବି ଅନୁରୋଧ ସତ୍ତ୍ୱେ ଅଧିକାରୀ ନାସ୍ତିବାଣୀ ଶୁଣାଇଛନ୍ତି। ବିଦ୍ୟାଳୟରେ ଜଳ ସମସ୍ୟା ନେଇ ସ୍ଥାନୀୟ ଲୋକପ୍ରତିନିଧି ଓ ଶିକ୍ଷା ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ଗ୍ରାମବାସୀ କହିଛନ୍ତି।

ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ନମିତା ପତି କହନ୍ତି, ବିଦ୍ୟାଳୟରେ ରନ୍ଧନ କାର୍ଯ୍ୟ ପାଇଁ ପାଚିକାଙ୍କ ସହ ଜଣେ ସହାୟିକା ଆବଶ୍ୟକତା ଥିଲାବେଳେ ଏଠାରେ ଜଣେ ପାଚିକା ନିୟୋଜିତ ହୋଇଛନ୍ତି। ସେ ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରିବା ସହ ପାଣି ବୋହି ଆଣୁଛନ୍ତି। ନୂତନ ନଳକୂପ ବସାଗଲେ ସମସ୍ୟାର ସମାଧାନ ହୋଇପାରନ୍ତା। ଧାମନଗର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭୀମସେନ ହୋ କହିଛନ୍ତି, ଉକ୍ତ ସ୍କୁଲ ନଳକୂପରୁ ଦୀର୍ଘବର୍ଷ ହେଲା ଲୁଣିପାଣି ବାହାରୁଛି। ସ୍ଥାନୀୟ ଲୋକପ୍ରତିନିଧି ଏଥିପ୍ରତି ଯତ୍ନଶୀଳ ହେଲେ ସମସ୍ୟାର ପ୍ରତିକାର ହୋଇପାରନ୍ତା। ତାଙ୍କ ସମୟରେ ନୂତନ ଭାବେ ଖୋଳାଯାଇଥିବା ନଳକୂପରୁ ଲୁଣିପାଣି ବାହାରିଲା। ତେବେ ନିକଟରେ ଥିବା ଇରିଗେଶନ ବିଭାଗ କାର୍ଯ୍ୟାଳୟରୁ ସପ୍ତାହେ ମଧ୍ୟରେ ସ୍କୁଲକୁ ପାଣି ଯୋଗାଇବାର ବ୍ୟବସ୍ଥା କରାଯିବ ବୋଲି ପାଳସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ କହିଛନ୍ତି।



ପାଚିକା ବିଦ୍ୟାଳୟ ପାଇଁ ପାଣି ବୋହି ଆଣୁଛନ୍ତି।


ସେଲ୍ଫି କର୍ନର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ ସଞ୍ଜୟ



@ କୁନୁ



@ ବିଶ୍ୱଜିତ୍



@ ଅବିନାଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


# ନୀଳଗିରିରେ ଅଲିଚିକି ଶିକ୍ଷକଙ୍କ ପଦଯାତ୍ରା

### ନିୟମିତ ଶିକ୍ଷକ ମାନ୍ୟତା ଦାବି ତେଜିଲା

**ନୀଳଗିରି, ୧।୧୨(ସ୍ୱ.ପ୍ର.)**

ଆଦିବାସୀ ଭାଷା, ଶିକ୍ଷା ଓ ଶିକ୍ଷକଙ୍କୁ ବଞ୍ଚାଇବା ଦାବି ନେଇ ସାନ୍ତାଳୀ ମୁଣ୍ଡାରୀ ଭାଷା ଶିକ୍ଷକ ସଂଘ ପକ୍ଷରୁ ଗତ ନଭେମ୍ବର ୧୫ତାରିଖରୁ ରାଇରଙ୍ଗପୁର ପୋଖରିଆଠାରୁ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରାରେ ସେମାନେ ଭୁବନେଶ୍ୱରସ୍ଥିତ ନବୀନନିବାସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ସହ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିବେ। ଶୁକ୍ରବାର ସେଠାରୁ ପଦଯାତ୍ରାରେ ବାହାରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ନିଜର ଗୁହାରି ଜଣାଇବେ। ଯଦି ମୁଖ୍ୟମନ୍ତ୍ରୀ ଗୁହାରି ନ ଶୁଣନ୍ତି ତା' ହେଲେ ଦେଇଥିବା ନିଯୁକ୍ତପତ୍ର ଫେରାଇ ଦେବେ ଓ ଶିକ୍ଷକ ପୋଷାକ ମଧ ଅବତରଣ କରି ପାଚେରିରେ ଟାଙ୍ଗି ଆସିବେ ବୋଲି ସଂଘ ସଭାପତି ଗୁଲାରାମ ମୁର୍ମୁ ଓ ଉପସଭାପତି ରମାକାନ୍ତ ମାରାଣ୍ଡି ସୂଚନା ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ସଂଘର ପଦଯାତ୍ରା ମୟୂରଭଞ୍ଜ ଅତିକ୍ରମ କରି ମଙ୍ଗଳବାର ବାଲେଶ୍ୱର ଜିଲା ନୀଳଗିରିରେ ପହଞ୍ଚିଥିଲା । ରାତିରେ ତରତରୀ, ବୁଧବାର ସଜନାଗଡ଼ ଓ ଗୁରୁବାର ପଞ୍ଚଲିଙ୍ଗେଶ୍ୱର ନିକଟ ଖୁମକୁଟଠାରେ ପହଞ୍ଚିଥିଲା। ପଦଯାତ୍ରା ଦଳଙ୍କୁ ନୀଳଗିରି ସାନ୍ତାଳୀ ସମାଜର ଶତାଧିକ ଲୋକ ସେମାନଙ୍କ ପାଦ ଧୋଇ ପୂଜାର୍ଚ୍ଚନା କରିବା ସହ ମାଦଳ, ଧୁମ୍‌ସାର ତାଳେ ତାଳେ ପାଛୋଟି ନେଇ ରହିବାର ବ୍ୟବସ୍ଥା କରିଥିଲେ। କାର୍ଯ୍ୟକ୍ରମରେ ନୀଳଗିରି ଅଞ୍ଚଳର ସୋମନାଥ ଟୁଡ୍ଡୁ, ଲକ୍ଷ୍ମୀଧର ମାରାଣ୍ଡି, ପ୍ରଭାତ ମୁର୍ମୁ, ଗୋପାଳ ମାଝୀ, ସୁନୀତା ମୁର୍ମୁ, ମାନ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।




ନୀଳଗିରିରେ ସାନ୍ତାଳୀ ମୁଣ୍ଡାରୀ ଭାଷା ଶିକ୍ଷକ ସଂଘର ପଦଯାତ୍ରା।

### ପଦଯାତ୍ରା କରିବ କାଳନ୍ଦୀ ସମ୍ପ୍ରଦାୟ

**ମୋରଡ଼ା,୧।୧୨(ଡି.ଏନ.ଏ.)**

*ହକ୍ ନ ମିଳିଲେ ପ୍ରତିବାଦ ଚେତାବନୀ*

ସ୍ୱାଧନତାର ୭୫ବର୍ଷ ପରେ ମଧ କାଳନ୍ଦୀ ସମ୍ପ୍ରଦାୟ ଲୋକଙ୍କୁ ଠିକ୍ ଭାବେ ବିଭିନ୍ନ ସରକାରୀ ଯୋଜନା ମିଳିପାରୁନାହିଁ। ଆବାସ ଗୃହ, ଭତ୍ତା ମିଳୁନାହିଁ, ପାନୀୟ ଜଳ ସୁବିଧା ନାହିଁ, ଶିକ୍ଷାର ଅଭାବ, ଘରଡିହ ପଟ୍ଟା ଆଦି ପାଇବାରେ ପଛୁଆ ରହିଛନ୍ତି ଏହି ସମ୍ପ୍ରଦାୟ ଲୋକେ। ଏହି ଭଳି ସମସ୍ୟାକୁ ନେଇ ପ୍ରତିବାଦର ସ୍ୱର ଉଠିଛି। ହକ୍ ନ ମିଳିଲେ ସଚିବାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ପ୍ରତିବାଦ ପ୍ରଦର୍ଶନ କରାଯିବ ବୋଲି ସମ୍ପ୍ରଦାୟ ପକ୍ଷରୁ ଆୟୋଜିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମୋରଡ଼ା ବ୍ଲକ ବ୍ରାହ୍ମଣମରା ଗ୍ରାମରେ ହରିଜନ କଲ୍ୟାଣ ସମିତି ତରଫରୁ ଭାଗିରଥି କାଳନ୍ଦୀଙ୍କ ସଭାପତିତ୍ୱରେ ବୁଧବାର ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ସଭାପତି କରମ ଚାନ୍ଦ କାଳନ୍ଦୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ କାଳନ୍ଦୀ, ସାଧାରଣ ସମ୍ପାଦକ ହାଡିବନ୍ଧୁ କାଳନ୍ଦୀ ଉପସ୍ଥିତ ଥିଲେ। ଗାଁ ଲୋକେ ପାରମ୍ପରିକ ବାଜା ବଜାଇ ଅତିଥିମାନଙ୍କୁ ପାଛଟି ନେଇଥିଲେ।

# ବିଡିଓଙ୍କୁ ଭେଟିଲେ ପାଲା ମଣ୍ଡଳ କର୍ମକର୍ତ୍ତା



ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ କର୍ମକର୍ତ୍ତା ବିଡିଓଙ୍କୁ ସାକ୍ଷାତ କରିବାକୁ ଯାଉଛନ୍ତି।

**ବାସୁଦେବପୁର,୧।୧୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ ଶତାଧିକ କର୍ମକର୍ତ୍ତା ବିଡିଓ ସତ୍ୟଜିତ ରାଉତଙ୍କୁ ଭେଟି ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଓ ଦାବି ସମ୍ପର୍କରେ ଅବଗତ କରିଛନ୍ତି। ପାଲା ମଣ୍ଡଳର ସଭାପତି ସନାତନ ପୁରୀ, ସମ୍ପାଦକ କପିଳନାଥ ଶର୍ମା, ବରିଷ୍ଠ ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ, ଗାୟକ ନୀଳକଣ୍ଠ ପାତ୍ରଙ୍କ ସମେତ ସଦସ୍ୟମାନେ ଅନୁରୂପ ଭାବେ ପୌର ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟଙ୍କୁ ଭେଟିଛନ୍ତି। ବାସୁଦେବପୁରରେ ପ୍ରତିବର୍ଷ ପରି ଆଗାମୀ ଦିନରେ କିପରି ସୁରୁଖୁରୁରେ ୮ମ ବାର୍ଷିକ ପାଲା ମହୋତ୍ସବ ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ସାକ୍ଷାତ ବେଳେ ମଣ୍ଡଳର ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ବାରିକ ଉପସ୍ଥିତ ଥିଲେ।

### କୋଇଲା ବୋଝେଇ ଟ୍ରକ୍ ଓଲଟିଲା

**ବୈଶିଙ୍ଗା,୧।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡଦେଉଳିଆ ଛକ ନିକଟବର୍ତ୍ତୀ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଟାୟାର ମରାମତି ଦୋକାନ ଉପରେ ଏକ କୋଇଲା ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରୁ ଦୋକାନୀ ଏବଂ ଟ୍ରକ୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୁରୁବାର ଅପରାହ୍ନରେ ଟ୍ରକ୍‌ଟି ବିହାରରୁ ବିଶାଖାପାଟଣା ଯାଉଥିବା ସମୟରେ ଗଡ଼ଦେଉଳିଆ ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବୈଶିଙ୍ଗା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ରାଇପୁର ଦଳ ଚାମ୍ପିୟନ

**ରାଇପୁର ଭଲିବଲ ଟୁର୍ନାମେଣ୍ଟ**

**ବାଲିଆପାଳ/ଲଙ୍ଗଳେଶ୍ୱର, ୧।୧୨(ସ୍ୱ.ପ୍ର./ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ରାଇପୁର ଗ୍ରାମର ହରିହାଟ ପଡ଼ିଆରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଖେଳରେ ରାଇପୁର ଦଳ (୨-୧)ରେ ମନତାପାଳ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟରେ କଷାଫଳ, ମନତାପାଳ, ରାଇପୁର, ନେପୁରା, କୁଦପଡା ଆଦି ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ରାଇପୁର ଏବଂ ମନତାପାଳ ଦଳ ମଧ୍ୟରେ ହୋଇଥିଲା। ରାଇପୁର ଦଳ ମନତାପାଳ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିବା ବେଳେ ମନତାପାଳ ରନର୍ସଅପ୍ ହୋଇଥିଲା। ଟୁର୍ନାମେଣ୍ଟକୁ ରାଜ୍ୟ ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ସାମାଜିକ କର୍ମୀ ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକର ପୂର୍ବତନ ଅଧକ୍ଷ ଅଶ୍ୱିନୀ କୁମାର ଜେନା, ବଣିଆଡ଼ିହା ପଞ୍ଚାୟତର ସମିତିସଦସ୍ୟ କଟି ମାରାଣ୍ଡି, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ଅକ୍ଷୟ ମଲ୍ଲିକ, ୱାର୍ଡ଼ମେମ୍ବର ବସନ୍ତ ମଲ୍ଲିକ, ଗୋବିନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଜୟୀ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ଓ ଅର୍ଥ ପ୍ରଦାନ କରାଯାଇଥିଲା। ସୁନୀଲ ଚଣ୍ଡ ଓ ଅମୂଲ୍ୟ ଚନ୍ଦ୍ର ଘଡ଼େଇ ଖେଳକୁ ପରିଚାଳନା କରିଥିଲେ।

# ଯୁବାବସ୍ଥାରେ ଅଧିକ ସତର୍କତା ଲାଗି ପରାମର୍ଶ

**ଖଇରା, ୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୟୁଥ୍ ରେଡକ୍ରସ ଏବଂ ଜାତୀୟ ସେବାସଂସ୍ଥା ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପରିଚାଳିକା ଅଳକାନନ୍ଦା ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସଙ୍କ ନେତୃତ୍ୱରେ ଏକ ସଚେତନତା ରାଲି ସୋର-କୁପାରୀ ରାସ୍ତା ଏବଂ ନହଙ୍ଗ ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ଛାତ୍ରୀଙ୍କ ମଧ୍ୟରେ ବୁଦ୍ଧି ପରୀକ୍ଷା ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଅଧକ୍ଷା ଅନିତାରାଣୀ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଡ୍‌ସ କାଉନସେଲର ରୋଜାଲିନ ସ୍ୱାଇଁ, ଆୟୁଷ ଡାକ୍ତର ସଞ୍ଜିବା ବିଶ୍ୱାଳ, ଅଧ୍ୟାପିକା ସୁଲୋଚନା ଦାସ, ଖେଳଶିକ୍ଷକ ଗାୟତ୍ରୀ ଦାସ, ରମା ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବାବସ୍ଥାରେ ସଞ୍ଜମତା ଆଚରଣ ନ କଲେ ଭୂତାଣୁ ସଂକ୍ରମଣ ହେବାର ଅଧିକ ଆଶଙ୍କା ଥିବାରୁ ଏଥିପ୍ରତି ଯୁବଗୋଷ୍ଠୀ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।




ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ସଚେତନତା ରାଲି।

# ରାସ୍ତା ଅବରୋଧ କଲେ ଛାତ୍ରୀଛାତ୍ର

### ବିବାଦୀୟ ଶିକ୍ଷକଙ୍କ ବଦଳି ଦାବି

**ବାରିପଦା ଅଫିସ,୧।୧୨**

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଶଙ୍ଖାଭଙ୍ଗା ସ୍କୁଲ ଛାତ୍ରୀଛାତ୍ରମାନେ ବିବାଦୀୟ ଶିକ୍ଷକମାନଙ୍କ ବଦଳି ଦାବିରେ ଗୁରୁବାର ରାସ୍ତା ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନୂତନ ଶିକ୍ଷକ ନିଯୁକ୍ତି ସହିତ ପାଠପଢ଼ା ପ୍ରତି ଗୁରୁତ୍ୱ ଦେବା ପାଇଁ ଜିଦରେ ଅଡ଼ି ବସିଥିଲେ। ବାରମ୍ବାର ଅଭିଯୋଗ ପରେ ମଧ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ବିଦ୍ୟାର୍ଥୀମାନେ ଏଭଳି ନିଷ୍ପତ୍ତି ଗ୍ରହଣ କରିଥିବା କହିଛନ୍ତି। ଖବରପାଇ ବାରିପଦା ତହସିଲଦାର ବିକ୍ରମ କେଶରୀ ପରିଡ଼ା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ବାରିକ୍ ଓ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟରେ ୧୫୦ପାଖାପାଖି ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୭ଜଣ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ଚାଲୁଥିବା ବେଳେ ସେଥି ମଧ୍ୟରୁ କେତେଜଣ ଶିକ୍ଷକ ନିତିଦିନ ନିଶାଶକ୍ତ ଅବସ୍ଥାରେ ସ୍କୁଲକୁ ଆସିଥାନ୍ତି। ବିଳମ୍ବରେ ସ୍କୁଲକୁ ଆସିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥାନ୍ତି। ଶିକ୍ଷକମାନଙ୍କ ଏଭଳି ଆଚରଣକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଅଭିଯୋଗ କରିବା ପରେ ମଧ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। ସେହିପରି ମଧ୍ୟାହ୍ନଭୋଜନ ଠିକ୍ ସମୟରେ ଦିଆଯାଉ ନ ଥିବା ବେଳେ ପୋଷାକ ଓ ପାଠ୍ୟ ପୁସ୍ତକ ମଧ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇ ନାହିଁ ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗରେ ଦର୍ଶାଇଛନ୍ତି। ହିନ୍ଦୀ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରମାନେ ହିନ୍ଦୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ବାରିପଦା-ଚିତ୍ରଡ଼ା ୬୧ନଂ. ରାଜ୍ୟ ରାଜପଥରେ ଦୀର୍ଘ ସମୟ ଧରି ବସିରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମଟର ଅଟକି ରହିଥିଲା। ଏ ସମ୍ପର୍କରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବାରିକଙ୍କୁ ପଚାରିବାରୁ ବ୍ଲକ ଗ୍ରାଣ୍ଟ ହାଇସ୍କୁଲରେ ଥିବା ଶିକ୍ଷକମାନଙ୍କ ଆଲ୍‌କହଲ୍ ପରୀକ୍ଷା କରାଯାଇଛି। ରିପୋର୍ଟରେ କୌଣସି ସତ୍ୟତା ବାହାରି ନ ଥିବା ବେଳେ ସେମାନଙ୍କ ବିରୋଧରେ ପରିଚାଳନା ସମିତି ପକ୍ଷରୁ ନିଷ୍ପତ୍ତି ହୋଇ ରିପୋର୍ଟ ପ୍ରଦାନ କଲେ ଉଚ୍ଚ ବିଭାଗକୁ ଅବଗତ କରାଯିବ ବୋଲି କହିଛନ୍ତି।



ରାସ୍ତାରେ ବସିଥିବା ଛାତ୍ରୀଛାତ୍ର।

